ଶନିବାର, ୧୯ ଅକ୍ଟୋବର, ୨୦୨୪

# ପିଲାଙ୍କ ଧରିତ୍ରୀ



# ବଦଳିଲା ମନ

## ଗପ

ସେଦିନ ସକାଳୁ କଅଁଳ ଖରାରେ ବସି ହରିଶ ବାବୁ ଚା' ପିଉଥାଆନ୍ତି। ଚା'ସହ ହାତରେ ଖବରକାଗଜ ଧରି ଦେଶ ବିଦେଶର ଖବର ଉପରେ ଆଖି ବୁଲାଉଥାଆନ୍ତି। ସେତିକି ବେଳକୁ ଚାକର ଗୋପାଳ ଆସି ସେଠାରେ ପହଞ୍ଚି କହିଲା, ବାବୁ, ମୋତେ କିଛି ଟଙ୍କା ଦିଅନ୍ତୁ। ଘରକୁ ଯିବି। ଗୋପାଳ ବାବୁ ତା' ଆଡକୁ ଟିକେ ଚାହିଁ ଦେଇ ପୁଣି ଥରେ ଖବରକାଗଜ ପଢ଼ିବାରେ ବ୍ୟସ୍ତ ରହିଲେ। ମାଲିକଙ୍କ ନିକଟରୁ କିଛି ଉତ୍ତର ନ ପାଇ ମନ ଦୁଃଖରେ ସେଠାରେ ଠିଆ ହୋଇଥାଏ। ଏହାଦେଖି ହରିଶ ବାବୁ କହିଲେ, 'ଆରେ, ଠିଆ କାହିଁକି ହୋଇଛୁ, ଯା, ବହୁତ କାମ ପଡ଼ିଛି, ସେଗୁଡ଼ିକ ଶେଷ କର। ମାସ କେଇଟା ହୋଇନି ଟଙ୍କା ନେଇଥିଲୁ, ପୁଣି ଟଙ୍କା କ'ଣ ? ଗୋପାଳ କହିଲା– ଆଜ୍ଞା, ଘରେ ବାପାଙ୍କ ଦେହ ଖରାପ। ସେଥିପାଇଁ ଟଙ୍କା ମାଗୁଥିଲି। କିନ୍ତୁ ହରିଶ ବାବୁ ତା' କଥାକୁ ଆଦୌ କର୍ଣ୍ଣପାତ ନ କରି ସେମିତି ବସିଥାଆନ୍ତି। ଏସବୁ କଥାକୁ ଦୂରରେ ଠିଆ ହୋଇ ଲକ୍ଷ୍ୟ କରୁଥାଏ ହରିଶ ବାବୁଙ୍କ ୧୦ ବର୍ଷର ନାତି ବବ୍‌ଲୁ। ଗୋପାଳ ଚାଲିଯିବା ପରେ ସେ ଜେଜେଙ୍କ ପାଖକୁ ଆସି କହିଲା, ଜେଜେ, ତୁମେ କାହିଁକି ତାକୁ ଟଙ୍କା ଦେଲନି ? ହରିଶ ବାବୁ ଉତ୍ତର ଦେଲେ, ତୁ ଜାଣିନୁ, ଏମାନେ ଏମିତି ମିଛରେ କହି ଟଙ୍କା ନିଅନ୍ତି। ଏମାନଙ୍କୁ ଯେତେ ଶାସନରେ ରଖିବ ସେତେ ଭଲ। ଏକଥା ଶୁଣି ବବ୍‌ଲୁ ମଧ୍ୟ ଚାଲିଗଲା। ରାତିରେ ଜେଜେଙ୍କ ପାଖରେ ଶୋଇଥାଏ ସେ। ଉପରକୁ ଚାହିଁ ସତେ ଯେମିତି କ'ଣ ଭାବୁଥାଏ। ଏତିକି ବେଳେ ଜେଜେ ପଚାରିଲେ, ଆରେ ନାତି ଟୋକା, ଶୋଇ ପଡ। ଏମିତି କ'ଣ ଭାବୁଛୁ ? ବବ୍‌ଲୁ ଉତ୍ତର ଦେଲା, 'ଜେଜେ, ଏମିତି କେତେ ଗରିବ ପିଲା ଆଜିକାଲି ଶୋଷଣର ଶିକାର ହେଉଛନ୍ତି। ସେମାନଙ୍କର ବାସ୍ତବ ଅବସ୍ଥାକୁ କେହି ବୁଝୁନାହାନ୍ତି। ସେମାନେ ତ ଆମରି ପରି ମଣିଷ। ସେମାନଙ୍କୁ ଏପରି ତାରତମ୍ୟ ଦୃଷ୍ଟିରେ କାହିଁକି ଦେଖାଯାଉଛି ? ଏଭଳି ଶୋଷଣର ଅନ୍ତ ହେବା ଦରକାର। ମୁଁ ଦେଖିଛି, ଆଜି ଦିନସାରା ଗୋପାଳ କାମ କରୁଥାଏ, ହେଲେ ତା' ମନରେ ଖୁସି ନ ଥାଏ। ସବୁବେଳେ ସେ ଖୁସି ମନରେ କାମ କରେ। ହେଲେ ଆଜି ତୁମ ପାଖରୁ ସକାଳେ ଫେରିବା ପରେ ସେ ସତେଯେମିତି ଭାଙ୍ଗି ପଡିଛି। ତାକୁ ମୁଁ ଖାଇବାକୁ ଦେଲି, ହେଲେ ସେ ମନା କଲା। ଜାଣିଛ ଜେଜେ, ଆଜି ସେ ଦିନତମାମ କିଛି ଖାଇନି। ତା'ର ଦୋଷ କ'ଣ କହିଲ ? ସେ କହୁଥିଲା ଯେ ତା' ବାପାଙ୍କ ଦେହ ଖରାପ। ଔଷଧ କିଣିବ। ସେଥିପାଇଁ ଟଙ୍କା ଦରକାର। ଜେଜେ, ଥରେ ଭାବିଲ, ଯଦି ସେ ଜାଗାରେ ଗୋପାଳ ନ ହୋଇ ମୁଁ ତୁମକୁ କିଛି ଟଙ୍କା ମାଗି ଥାଆନ୍ତି, ତମେ କ'ଣ ମୋତେ ଦେଇ ନ ଥାନ୍ତ? ଆମେ ପରା ସବୁ ମଣିଷ। ଆମ ଭିତରେ ଏମିତି ଭେଦଭାବ ରହିବା କ'ଣ ଠିକ୍?' ବବ୍‌ଲୁର କଥା ଶେଷ ହେଲା ବେଳକୁ ହରିଶ ବାବୁ ଉଠି ବସି ସାରିଥିଲେ। ସେ କହିଲେ, 'ସତରେ ବବ୍‌ଲୁ, ତୁ ସିନା ଛୋଟ ପିଲା, ହେଲେ ଏବେ ଚାଲିଥିବା ଏଭଳି ଶୋଷଣ ବିରୋଧରେ ତୁ ଯେଉଁ କଥା କେଇ ପଦ କହିଲୁ ତାହା ମୋତେ ପ୍ରଭାବିତ କରିଛି। ତୁ ବ୍ୟସ୍ତ ହ'ନା। କାଲି ସକାଳୁ ମୁଁ ତାକୁ ଟଙ୍କା ଦେବି ଆଉ ନିଜେ ନେଇ ତା' ଗାଁରେ ଛାଡି ଦେଇ ଆସିବି। ସତ କଥା, ଆମ ଦେଶରେ ଏଭଳି ଶୋଷଣ ଶେଷ ହେବା ନିହାତି ଦରକାର।' ବବ୍‌ଲୁ କହିଲା, ଯାହାହେଉ ଜେଜେ ତୁମେ ମୋ କଥାର ମହତ୍ତ୍ୱ ଜାଣିପାରିଲ ଆଉ ତୁମର ମନ ବଦଳି ଗଲା। କାଲି ମୁଁ ବି ତୁମ ସହ ଗୋପାଳ ଘରକୁ ଯିବି।'



–ଶରତ ଚନ୍ଦ୍ର ସାମଲ,
ବଗଗଡ, ଭୁବନେଶ୍ୱର–୧୮
ମୋ : ୯୪୩୭୯୨୧୮୧୩

## ଖିଲି ଖିଲି ହସ

–ସୋନୁ: କାଲି ରାତିରେ ମୁଁ ସ୍ୱପ୍ନ ଦେଖିଲି ମୋ ପାଦରେ କଣ୍ଟା ପଶିଗଲା।
ମୋନୁ: ସୋନୁ, ତୁ ଗୋଟେ କାମ କର କାଲି ରାତିରେ ଶୋଇଲାବେଳେ ଚପଲ ପିନ୍ଧି ଶୋଇପଡ଼ିବୁ।

–ଶିକ୍ଷକ କ୍ଲାସରେ ପିଲାଙ୍କୁ ପଢ଼ାଇବା ସମୟରେ ରୋହନକୁ ପଚାରିଲେ–ଲାଲ୍‌କିଲା କେଉଁଠି ?
ରୋହନ: ସାର୍ ମୋତେ ଜଣା ନାହିଁ।
ଶିକ୍ଷକ: ଚାଲ୍,ଏବେ ବେଞ୍ଚ ଉପରେ ଠିଆ ହୁଅ।
ରୋହନ: ସାର୍,ବେଞ୍ଚ ଉପରେ ଠିଆ ହେବା ପରେ ବି ଲାଲ୍‌କିଲା ଦେଖାଯାଉନି !

–ଚିଙ୍କୁ: ତୁ,ଇଂଲିଶ୍ କହିପାରିବୁ ?
ମିଙ୍କୁ: ହଁ, ଖୁବ୍ ଆରାମ୍‌ରେ କହିଦେବି।
ଚିଙ୍କୁ: ଆଚ୍ଛା, କହ କି ଦେଖା ।
ମିଙ୍କୁ: (ହସିକି) ଇଂଲିଶ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ମତାମତ

▸▸ ପିଲାମାନେ କିପରି ଦଶହରା ଛୁଟିକୁ ପାଳନ କରିଲେ ତା' ବିଷୟରେ ଜାଣିହେଲା।
–ତୋଫାନ ନାୟକ, ରାଉରକେଲା

▸▸ ତୁମତୁଳୀରେ ପ୍ରକାଶିତ ହୋଇଥିବା ମା'ଙ୍କ ଚିତ୍ରଗୁଡ଼ିକ ବହୁତ ସୁନ୍ଦର ହୋଇଥିଲା।
–ଶୁଚିସ୍ମିତା ରାଉତ, କୋରାପୁଟ

▸▸ କବିତା ସ୍ତମ୍ଭରେ ପ୍ରକାଶିତ ସମସ୍ତ କବିତା ବେଶ୍ ମନଛୁଆଁ ହୋଇଥିଲା।
–ରମାକାନ୍ତ ସାହୁ, ଅନୁଗୋଳ

## ରଙ୍ଗ ଦିଅ



# ଭିଟାମିନ୍ ଅଭାବରେ ବିରକ୍ତିଭାବ

ବିନା କାରଣରେ ରାଗ ଲାଗୁଛି କି? ଛୋଟ ଛୋଟ କଥାରେ ମନରେ ବିରକ୍ତି ଭାବନା ଆସୁଛି ଆଉ ଚିଡ଼ିଚିଡ଼ା ଲାଗୁଛି! ଅଧିକାଂଶ ସମୟରେ ମନ ଅଶାନ୍ତ ଲାଗୁଛି ଆଉ ପ୍ରବଳ ଦୁଃଖ ଏମିତିକି କାନ୍ଦ ଲାଗୁଛି। ଶରୀରରେ ଭିଟାମିନ୍–ଡି କମ୍ ଥିଲେ ଏଭଳି ଲକ୍ଷଣ ଦେଖା ଦେଇପାରେ। ଏହି ଭିଟାମିନ୍ ଅଭାବରେ ଆମକୁ ଚିଡ଼ିଚିଡ଼ା ତ ଲାଗେ ଏହା ସହିତ ଡିପ୍ରେସନର ଆଶଙ୍କା ବି ରହିଥାଏ। ତେଣୁ ଏଭଳି ଲକ୍ଷଣ ସବୁ ଥିଲେ ନିଜର ଭିଟାମିନ୍–ଡି ଚେକଅପ୍ କରାଇ ନେବା ଦରକାର। ଏହି କାରଣରୁ ଆଉ କଣ ସବୁ ଲକ୍ଷଣ ଦେଖାଦିଏ ଆସନ୍ତୁ ଜାଣିବା।

– ଦିନ ସାରା ଥକ୍କା ଲାଗିବା।
– ମୁଡ୍ ସ୍ୱିଙ୍ଗ୍ ବା ଡିପ୍ରେସନ୍ ଭଳି ଅନୁଭବ ହେବା।
– ମାଂସପେଶୀରେ ଦରଜ ଓ ଦୁର୍ବଳ ଲାଗିବା।
– ଆଣ୍ଠୁଗଣ୍ଠି ଦରଜ ହେବା, ବିଶେଷକରି ପିଠିରେ ଅଧିକ ଦରଜ ଅନୁଭବ ହେବା।
– ଗୋଇଠି ପାଖ ଗଣ୍ଠି ଦରଜ ହେବା।

ଶରୀରରେ ଯେଉଁମାନଙ୍କର ଭିଟାମିନ୍–ଡି ଅତ୍ୟଧିକ କମ୍ ହୋଇଥାଏ ସେମାନେ ତୁରନ୍ତ ଡାକ୍ତର ପରାମର୍ଶ କରି ସପ୍ଲିମେଣ୍ଟ ନେବା ଆବଶ୍ୟକ। ଏହା ସହିତ ପ୍ରତିଦିନ ସକାଳ ୯ଟା ପୂର୍ବରୁ କିଛି ବାହାରକୁ ବାହାରନ୍ତୁ, ଏସମୟରେ ଶରୀରରେ ସୂର୍ଯ୍ୟକିରଣ ପଡିଲେ ଭିଟାମିନ୍–ଡି ଅଭାବ ଦୂର ହୋଇଥାଏ। ଏହା ବ୍ୟତୀତ ଖାଦ୍ୟରେ ଦୁଗ୍ଧଜାତ ଉତ୍ପାଦ ଅଧିକ ସାମିଲ କରନ୍ତୁ। ଏଭଳି ଉପାୟରେ ଶରୀରରେ ଭିଟାମିନ୍–ଡିର ଆବଶ୍ୟକତାକୁ କେତେକାଂଶରେ ପୂରଣ କରିପାରିବେ।



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

ଆମ ଠିକଣା
dharitrifeature@gmail.com





କୌଣସି କ୍ଷେତ୍ରରେ ରିଜେକ୍ଟ ହେଲେ ମନକୁ ଶକ୍ତ ଆଘାତ ଲାଗେ। ନିରାଶାରେ ଭରିଯାଏ ମନ। କିନ୍ତୁ ଭବିଷ୍ୟତକୁ ସଜାଡି ଆଗକୁ ବଢିବାକୁ ହେଲେ ଏ ସମୟରେ ସକାରାତ୍ମକ ଭାବନାକୁ ଦୃଢ କରିବାକୁ ହେବ।

# ରିଜେକ୍ସନ

ଶିକ୍ଷାର ପରିସର ବ୍ୟାପକ। ତେଣୁ ବିଭିନ୍ନ କ୍ଷେତ୍ରରେ ପିଲାମାନେ ନିଜ ପାରଦର୍ଶିତା ପ୍ରଦର୍ଶନ ପାଇଁ ଉଦ୍ୟମ କରିଥାନ୍ତି। ହେଲେ ସବୁ ସମୟରେ ଯେ ପ୍ରଥମ ପ୍ରୟାସରେ ସଫଳତା ମିଳିବ ସେକଥା ଭାବିବା ଆଦୌ ଠିକ୍ ନୁହେଁ। ତେଣୁ କୌଣସି କ୍ଷେତ୍ରରେ ହୁଏତ ରିଜେକ୍ସନ ବା ପ୍ରତ୍ୟାଖ୍ୟାନର ସାମ୍ନା କରିବାକୁ ପଡିପାରେ। ଏହି ସମୟରେ ଆତ୍ମ ବିଶ୍ୱାସକୁ ଦୃଢ କରି ଆଗକୁ ଯିବା ପାଇଁ ଚେଷ୍ଟା କରିବା ଦରକାର। ନିଜର ସବୁ ଆଶା ଆକାଂକ୍ଷାକୁ ପୂରା କରିବାକୁ ହେଲେ ଏହି ପରିସ୍ଥିତିରୁ ଶିଖିବାକୁ ହେବ। ଏଭଳି ସ୍ଥିତିରେ କେଉଁ ସବୁ କଥା ଉପରେ ଅଧିକ ଗୁରୁତ୍ୱ ଦେବେ, ଜାଣି ରଖନ୍ତୁ।

## କ'ଣ ବଦଳରେ କାହିଁକି

କୁହାଯାଏ ବିଫଳତା ପ୍ରମାଣ କରେ କି ସଫଳତା ନିମନ୍ତେ ପୂର୍ଣ୍ଣ ମନରେ ପ୍ରୟାସ କରାଯାଇନି। ତେଣୁ କୌଣସି କ୍ଷେତ୍ରରେ ଯଦି ରିଜେକ୍ସନର ସାମ୍ନା କରିବାକୁ ହୁଏ ତା ହେଲେ ପିଲାମାନେ କେବଳ ଫଳାଫଳ ଜାଣି ଚୁପ୍ ରହିବା ଠିକ୍ ନୁହେଁ। ବରଂ ଏପରି କାହିଁକି ହେଲା ସେକଥା ଜାଣିବାକୁ ଚେଷ୍ଟା କରନ୍ତୁ। କେଉଁ ସ୍ଥାନରେ ଭୁଲ୍ କାରଣରୁ ଅବା ଅନ୍ୟ କ'ଣ ଅସୁବିଧା ପାଇଁ ଏପରି ବିଫଳତାର ସାମ୍ନା କରିବାକୁ ହେଲା, କେଉଁ ଭୁଲ୍‌କୁ ସୁଧାରି ନେଇଥିଲେ ରିଜେକ୍ଟ ହେବାକୁ ପଡି ନ ଥାନ୍ତା ତାହା ଜାଣିବାକୁ ଚେଷ୍ଟା କରନ୍ତୁ। କାରଣ କ'ଣ ଏହା ଜାଣିବା ସହ ଘଟଣାରୁ କ'ଣ ଶିକ୍ଷା ମିଳିଲା ତାହା ବି ନିଜେ ସମୀକ୍ଷା କରନ୍ତୁ। ନିଜେ ନିଜର ଅସୁବିଧା କିମ୍ବା ଭୁଲ୍‌କୁ ଜାଣିପାରିଲେ ସେହି ଅନୁସାରେ ନିଜକୁ ସୁଧାରିବା ପାଇଁ ସୁଯୋଗ ପାଇବେ।

## ମାର୍ଗଦର୍ଶନ

କୌଣସି କ୍ଷେତ୍ରରେ ରିଜେକ୍ଟ ହେବାର ଅର୍ଥ ନୁହେଁ କି ଭବିଷ୍ୟତରେ ଆଉ ଆଦୌ ସଫଳତା ମିଳିବ ନାହିଁ। ଏଭଳି ମନୋଭାବକୁ ଦୂର କରିବା ପାଇଁ ସବୁବେଳେ ଘର ଲୋକ କିମ୍ବା ଗୁରୁ ଅଥବା ସେଭଳି କୌଣସି ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ। ଗୁରୁଜନମାନେ ହିଁ ଏହି ସମୟରେ ସଠିକ୍ ପରାମର୍ଶ ଦେଇପାରିବେ। ସେମାନଙ୍କ ମାର୍ଗଦର୍ଶନ ଅନୁସାରେ ଭୁଲ୍ ହୋଇଥିଲେ ସେଥିରୁ ନିଜକୁ ସଜାଡି ନେବାର ସୁଯୋଗ ମିଳିପାରିବ। ଏହି ସମୟରେ ଯଦି ମନ ଖରାପ ହୋଇଥାଏ ତା'ହେଲେ ବଡମାନଙ୍କର ସ୍ନେହପୂର୍ଣ୍ଣ ସମର୍ଥନ ନୂଆ ଆଶାର କିରଣ ସୃଷ୍ଟି କରିଥାଏ। ଏହା ବ୍ୟତୀତ ପ୍ରକୃତ ବନ୍ଧୁମାନେ ମଧ୍ୟ ଏଭଳି ସମୟରେ ମାର୍ଗଦର୍ଶନ କରାଇବାରେ ଅନେକାଂଶରେ ସହାୟକ ହୋଇଥାନ୍ତି।

## ମନ ଭୁଲାନ୍ତୁ

ରିଜେକ୍ସନ ଯୋଗୁଁ ଯଦି ଅନ୍ୟମାନଙ୍କ ଆଗରେ ନିଜକୁ ଛୋଟ ଲାଗୁଥାଏ ତେବେ ମନ ଭୁଲାଇବା ପାଇଁ ବିଭିନ୍ନ ମାଧ୍ୟମର ସାହାରା ନିଅନ୍ତୁ। କେହି ଉପହାସ କରିବାକୁ ଚେଷ୍ଟା କରୁଥିଲେ ସେମାନଙ୍କୁ ସାମ୍ନା କରନ୍ତୁ। କାରଣ ଜୀବନରେ ସମସ୍ତଙ୍କୁ କେବେ ନା କେବେ ରିଜେକ୍ସନକୁ ସାମ୍ନା କରିବାକୁ ପଡିଥାଏ। ସମସ୍ତେ ସବୁ କ୍ଷେତ୍ରରେ ସଫଳ ହୋଇ ପାରନ୍ତି ନାହିଁ। ଯେଉଁମାନେ ଆପଣଙ୍କର ପ୍ରିୟ ଓ ପ୍ରକୃତ ବନ୍ଧୁ ସେମାନଙ୍କ ସହ ସମୟ କଟାନ୍ତୁ। ଏହା ବ୍ୟତୀତ ପ୍ରକୃତି ସହିତ କିଛି ସମୟ କଟାନ୍ତୁ। ଗଛ ଲଗାଇବା, ଗଛର ଯତ୍ନ ନେବା କିମ୍ବା ଖୋଲା ସ୍ଥାନରେ ବୁଲିବା ଭଳି ବିଭିନ୍ନ କାମ କରିଲେ ମନ ଉପରେ ସକାରାତ୍ମକ ପ୍ରଭାବ ପଡିବ।

## ଆଡ୍‌ଜଷ୍ଟ କରିବା ଓ ଆଗକୁ ବଢ଼ିବା

କଥାରେ ଅଛି ବିଫଳତା ହିଁ ସଫଳତାର ପ୍ରଥମ ପାହାଚ। ଏହି ଦୃଷ୍ଟିରୁ ବିଚାର କଲେ ରିଜେକ୍ସନକୁ ଜୀବନର ଏକ ସାଧାରଣ ଘଟଣା ବୋଲି ଭାବିବାକୁ ହେବ। ସମୟ ପରିବର୍ତ୍ତନଶୀଳ, ପୁଣି ଭଲ ସମୟ ଆସିବ। ମନରେ ଏଭଳି ଆଶା ରଖି ପରିଶ୍ରମ କରନ୍ତୁ। ନିଷ୍ଠାର ସହିତ ପରିଶ୍ରମ କଲେ ସବୁ କାମରେ ସଫଳତା ମିଳିପାରିବ। ତେଣୁ ସକାରାତ୍ମକ ଭାବନାକୁ ଦୃଢ କରିବା ଦରକାର। ଏମିତିକି କେହି ଏଭଳି ସ୍ଥିତି ପାଇଁ ଥଟ୍ଟା ପରିହାସ କଲେ ବି ସେସବୁକୁ ଅଣଦେଖା କରି ଦୃଢ ସଙ୍କଳ୍ପ କରନ୍ତୁ। ନିଜକୁ ସମୀକ୍ଷା କରି ଆଗକୁ ଯିବା ପାଇଁ ବାଟ ବାହାରିଯିବ।



## ଏମାନେ କ'ଣ କରନ୍ତି

### ଘର ଲୋକେ ବୁଝାଇଥିଲେ



ଥରେ ସ୍କୁଲରେ ସୋଲୋ ସଙ୍ଗ୍ କମ୍ପିଟିସନ୍‌ରେ ଭାଗ ନେଇଥିଲି। ହେଲେ ଫାଇନାଲ୍ ରାଉଣ୍ଡରେ ସିଲେକ୍ଟ ହୋଇ ପାରି ନ ଥିଲି। ସେଦିନ ବହୁତ ମନ ଦୁଃଖ ହେଇଥିଲା। କିନ୍ତୁ ଘରେ ବାବା ମାମାଙ୍କ ସହିତ ସମସ୍ତେ ମତେ ବହୁତ ବୁଝାଇଥିଲେ। ମୋର ପାଠ ଭଲ ହେଉଛି ଆଉ ଡିବେଟ୍ ବି ଭଲ ହେଉଛି ଏମିତି କେତେ କଥା କହି ମନଦୁଃଖ ନ କରିବା ପାଇଁ କହିଥିଲେ। ତା'ପରେ ସେକଥା ଭୁଲି ଯାଇଥିଲି। କିନ୍ତୁ ହାର୍ ମାନି ନ ଥିଲି। ବରଂ ସ୍କୁଲର ସବୁ ପ୍ରତିଯୋଗିତାରେ ଭାଗ ନେଉଛି। ସେଥିପାଇଁ ତ ଯାହା କିଛି କାର୍ଯ୍ୟକ୍ରମ ହେଲେ କ୍ଲାସ ଟିଚର ମତେ ବ୍ୟକ୍ତିଗତଭାବେ ଭାଗ ନେବି କି ନାହିଁ ପଚାରନ୍ତି। ଫଳସ୍ୱରୂପ ଏବେ ଡିବେଟ୍, ଡ୍ରଇଂ, ଫ୍ୟାନ୍ସିଡ୍ରେସ ଆଦି ବିଭିନ୍ନ ପ୍ରତିଯୋଗିତାରେ ଜିତିବାର ସାର୍ଟିଫିକେଟ୍ ମୋ ପାଖରେ ଅଛି।

**–ଦେବବ୍ରତ ମହାପାତ୍ର,** କ୍ଲାସ– ୬,
ଡିଏଭି ପବ୍ଲିକ ସ୍କୁଲ, ସିଡିଏ–୬, କଟକ

### ସାମ୍ନା କରେ



ରିଜେକ୍ଟ ହେବା ପରେ ମନ ଦୁଃଖ ହେଇଯାଏ। ସାଙ୍ଗମାନେ ଚିଡେଇବେ ଆଉ ଘରେ ସମସ୍ତଙ୍କ ଆଗରେ ଲାଜ ଲାଗିବ ଭାବି ନିଜପ୍ରତି ଏକ ହୀନଭାବନା ସୃଷ୍ଟି ହୁଏ। ସେଥିପାଇଁ ବେଳେବେଳେ ଇଚ୍ଛା ହୁଏ ମିଛରେ କହିଦେଲେ ଭଲ ହୁଅନ୍ତା। ହେଲେ ଏମିତି କଲେ ସତ କଥା ନିଶ୍ଚୟ ଜଣାପଡିବ। ତେଣୁ ତା' ଠାରୁ ଭଲ ପ୍ରଥମରୁ ହିଁ ସତ କହିଦେବା ଦରକାର। ବାବା କହିଛନ୍ତି କି ସମସ୍ତଙ୍କର ସବୁଥିରେ ଭଲ ହୁଏନି। ସମସ୍ତେ ପାଠରେ ଭଲ ହୋଇପାରିବେନି କି ସମସ୍ତେ ଖେଳ ଓ ଅନ୍ୟାନ୍ୟ ଆକ୍ଟିଭିଟିରେ ଭଲ ହୋଇପାରିବେନି। ସମସ୍ତଙ୍କର କିଛି ନା କିଛି ସ୍ୱତନ୍ତ୍ରତା ରହିଥାଏ। ତେଣୁ ନିଜର ବିଶେଷଗୁଣ ପାଇଁ ଗର୍ବ କରିବା ଦରକାର। ଆଉ ଅନୁରୂପଭାବେ ଅନ୍ୟର ସ୍ୱତନ୍ତ୍ର ଗୁଣ ପାଇଁ ପ୍ରଶଂସା ବି କରିବା ଦରକାର। ମୋର ମ୍ୟାଥ୍ ଆଉ ଇଂଲିଶ୍ ବେଶି ଭଲ ହୁଏ କିନ୍ତୁ ଡ୍ରଇଁ ବେଶି ଭଲ ହୁଏନି। ଦୁର୍ବଳ ଥିବା ବିଷୟରେ ଭଲ କରିବା ପାଇଁ ଅଧିକ ଚେଷ୍ଟା କରେ ସତ କିନ୍ତୁ ହତୋତ୍ସାହିତ ହୁଏନି।

**–ରୁଦ୍ରପ୍ରତାପ ରାଉତ,** କ୍ଲାସ– ୭ , ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ, ରସୁଲଗଡ, ଭୁବନେଶ୍ୱର



**ଅଭିସୁମତ୍ ସାମଲ**
କ୍ଲାସ- ୪, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର
(୧)

**ଶ୍ରୀତମ୍ ବରିହା**
କ୍ଲାସ- ୮, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡ଼ା



(୨)



**ଅଞ୍ଜଳି ଦଳାଇ**
କ୍ଲାସ- ୮, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି, ଗଜପତି
(୩)

**ମଧୁସ୍ମିତା ପାତ୍ର**
କ୍ଲସ- ୫, କାହ୍ନୁପୁର ପ୍ରାଥମିକ ବିଦ୍ୟାଳୟ, ମୟୂରଭଞ୍ଜ



(୪)



**ବିଶ୍ୱଜିତ୍ ପାଣି**
କ୍ଲାସ-୭, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ସତ୍ୟନଗର, ଭୁବନେଶ୍ୱର
(୫)

**ପୁଣ୍ୟତୋୟା ଏ ଦାସ**
କ୍ଲାସ- ୨, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



(୬)



**ଦେବାଂଶ ପାଣିଗ୍ରାହୀ**
କ୍ଲାସ- ୧, ବ୍ରିଜୱେଲ ଗ୍ଲୋବାଲ ସ୍କୁଲ, ଭୁବନେଶ୍ୱର
(୭)



୧



୨



୩



୪



୫



୬



୭

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ଚପ୍‌ଷ୍ଟିକ୍‌ରେ ଚାଉଳ

ଚପ୍‌ଷ୍ଟିକ୍ ସାହାଯ୍ୟରେ ଚାଉଳ ଖାଇବା ସମସ୍ତଙ୍କୁ ଅସମ୍ଭବ ମନେ ହୋଇପାରେ। କିନ୍ତୁ ଏଭଳି ଏକ କାମକୁ କରିବାରେ ସକ୍ଷମ ହୋଇଛନ୍ତି ବାଂଲାଦେଶର ଜଣେ ମହିଳା। ତାଙ୍କ ନାଁ ହେଉଛି ସୁମେୟା ଖାନ୍। ଚପ୍‌ଷ୍ଟିକ୍ ସାହାଯ୍ୟରେ ସେ ମାତ୍ର ୧ ମିନିଟ୍‌ରେ ମୋଟ ୩୭ଟି ଚାଉଳ ଖାଇବାକୁ ସମର୍ଥ ହୋଇଛନ୍ତି। ଏଥିପାଇଁ ସେ ଗିନିଜ୍ ରେକର୍ଡ ବି କରିଛନ୍ତି। ଗତ ଫେବୃଆରୀ ୧୭ ତାରିଖରେ ସେ ଏହି ରେକର୍ଡ କରିଛନ୍ତି। ତାଙ୍କ ପୂର୍ବରୁ ଏଭଳି ଏକ ରେକର୍ଡ କାଲିଫର୍ନିଆର ଟେଲାଣ୍ଡ ଲାଙ୍କ ନାମରେ ରହିଥିଲା। ସେ ୧ ମିନିଟ୍‌ରେ ଏଭଳିଭାବେ ୨୭ଟି ଚାଉଳ ଖାଇବାକୁ ସମର୍ଥ ହୋଇଥିଲେ। ୨୦୨୨ ଏପ୍ରିଲରେ ତାଙ୍କ ନାମରେ ଏହି ରେକର୍ଡ ରହିଥିଲା। ଚପ୍‌ଷ୍ଟିକ୍ ସାହାଯ୍ୟରେ ଚାଉଳକୁ ଧରି ଖାଇବା ଭଳି ଏକ ଖିଆଲି ଢଙ୍ଗ ପାଇଁ ଢେର୍ ଦିନରୁ ଅଭ୍ୟାସ କରୁଥିଲେ। ବାରମ୍ବାର ଚାଉଳକୁ ଏହି ଷ୍ଟିକ୍‌ରେ ଧରିବାକୁ ଚେଷ୍ଟା କରିବା ବି ଅନେକଙ୍କ ପାଇଁ ଏକ ବିରକ୍ତିକର କାମ ହୋଇପାରେ। ମାତ୍ର ବେଶ୍ ଧୈର୍ଯ୍ୟର ସହିତ ସେ ଏହି କାମକୁ ଅଭ୍ୟାସରେ ପରିଣତ କରି ରେକର୍ଡ କରିବାକୁ ସମର୍ଥ ହୋଇଛନ୍ତି।



# କବିତା

## ଛାତ୍ର ଜୀବନ

ସଫା ସୁତୁରା ରହିବା ଆମେ
ରହିବନି କିଛି ଡର
ମଇଳା ଦେହ ମଇଳା ଜାମା
ଅଟେ ରୋଗର ଘର।
ସକାଳୁ ଉଠି ଘଷିବା ଦାନ୍ତ
ଧୋଇବା ମୁହଁ କାନ
ଖାଇଣ କିଛି ପାଠ ପଢ଼ିବା
ପ୍ରଭୁଙ୍କୁ କରି ଧ୍ୟାନ।
ନିଜେ ଗାଧୋଇ ନିଜ ପୋଷାକ
କରିବା ଆମେ ସଫା
ଖୁସି ମନରେ ସ୍କୁଲକୁ ଯିବା
ଛାଡ଼ିବେ ନେଇ ବାପା।
ମନ ଲଗାଇ ପାଠ ପଢ଼ିବା
ଖେଳିବା ବେଳେ ବେଳେ
କଳି କଜିଆ କରିବା ନାହିଁ
ସାଙ୍ଗ ସାଥୀଙ୍କ ମେଳେ।
ନିଜ ଜିନିଷ ନିଜ ସ୍ଥାନରେ
ରଖିବା ସବୁ ନେଇ
ଖୁସି ମନରେ ଖେଳଣା ଦେବା
ମାଗିବେ ଯାହା ଭାଇ।
ସାଙ୍ଗ ସାଥୀଙ୍କୁ ସାଙ୍ଗରେ ନେଇ
ଯିବା ଖେଳ ପଡିଆ
ଫେରି ଆସିବା ନିଜ ଘରକୁ
ହେବ ଯେତେ ବେଳେ ସନ୍ଧ୍ୟା।

– ଲିପ୍‌ସା ବାରିକ
ପଦମପୁର, ବରଗଡ଼




## ନାଆଁଟି ତା ଅଭିଧାନ

କିଏ କହେ ଭାଷାକୋଷ ଅବା ଅଭିଧାନ
ପଠନ କରିଲେ ବଢ଼ିଥାଏ ଭାଷାଜ୍ଞାନ।
ବର୍ଣ୍ଣମାଳାର ଆଦ୍ୟରୁ ପ୍ରାନ୍ତ ବର୍ଣ୍ଣ ଯାଏ
ଶବ୍ଦସବୁ ସେ କ୍ରମରେ ସଜ୍ଜା ହୋଇ ଥାଏ।
କେତେ କେତେ କଷ୍ଟ ଶବ୍ଦ ଖୋଜିଲେ ତ ମିଳେ
ଅର୍ଥ ଜାଣିଲେ ସନ୍ଦେହ ରହେ ନାହିଁ ତିଳେ।
ସାନଠାରୁ ବଡ଼ଙ୍କର ହୁଏ ଇଏ ଲୋଡ଼ା
ଖୋଜା ପଡ଼େ ସାହିତ୍ୟଟି ହୁଏ ଯେବେ ପଢ଼ା।
ଦେଖ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଅଭିଧାନ
କହୁ ଓଡ଼ିଆ ଭାଷାରେ ଶୀର୍ଷରେ ତା' ସ୍ଥାନ।
ଶବ୍ଦ ଜ୍ଞାନରେ ସତରେ ହୋଇଛି ସେ ଭରା
ଦରକାରୀ ଉପକାରୀ ଅଭିଧାନ ପରା।

– ନୀଳମଣି ଚାନ୍ଦ
ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର
ମୋ: ୯୫୮୩୨୦୨୩୫୭

## କମି ଯାଉ ଅଛି

କମି ଯାଉ ଅଛି ଦେଶ ପ୍ରେମ ଭାବ
କମିଯାଏ ଦେଶ ସେବା
ଦେଶର ଉନ୍ନତି ପଥେ କାମ କରି
ସେବା ପାଇଁ ମନ ଦେବା।
କମି ଯାଉଅଛି ପରିବାର ମଧ୍ୟେ
ସ୍ନେହ ଶ୍ରଦ୍ଧା ପ୍ରୀତି ଭାବ
ବାପା ମାଆ ଭାଇ ଭଉଣୀ ମେଳରେ
ବାହିବାରେ ପ୍ରେମ ନାବ।
ଘର ଖାଦ୍ୟ ଆଉ ଆଦର ନ କରି
ହୋଟେଲ ଖାଦ୍ୟକୁ ଖାଉ
ସେଥିପାଇଁ ବେଶି ଖାଇ ପାରୁନାହୁଁ
ପେଟ ରୋଗ କଷ୍ଟ ପାଉ।
କମି ଯାଉଅଛି ଆପଣାର ଭାବ
କୋହଳ ସମ୍ପର୍କ ଡୋରି
ପରସ୍ପର ମଧ୍ୟେ ଶ୍ରଦ୍ଧା ରହୁ ନାହିଁ
ବନ୍ଧନ ଯାଉଛି ଘୋରି।
କମି ଯାଉଅଛି ମନ ମଧ୍ୟେ ଆମ
ସ୍ୱଚ୍ଛ ଭାବନାର ଖିଆ
ପାରୁଛ ତ ଯଦି ସୁସ୍ଥ ଚିନ୍ତା ନେଇ
ନିଅରେ ସଜାଡି ନିଆ।
ଆମେରେ ଶିଖିବା ହୃଦୟ ଦେଇରେ
ଛୋଟରୁ ଅଭ୍ୟାସ କରି
ସଭିଙ୍କୁ ଆମେରେ ଭଲ ପାଇବାରେ
ମନରେ ମମତା ଭରି।

– କୀର୍ତ୍ତନ ସାହୁ
ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ଏଥରର

- ପଣ୍ଡିତ ବୁଦ୍ଧାଦିତ୍ୟ ମୁଖାର୍ଜୀ କଣ ପାଇଁ ପରିଚିତ ?
- ପାର୍ସି ନୂଆବର୍ଷକୁ କ'ଣ କହନ୍ତି ?
- ଓଜମ୍ପୁଲାଲ୍ କେଉଁ ରାଜ୍ୟର ଏକ ପାରମ୍ପରିକ ନୃତ୍ୟଗୀତ ?
- ଭାରତ ଇତିହାସରେ ପ୍ରଥମ ପେଣ୍ଟିଂ କଳା କେଉଁଠାରେ ଦେଖିବାକୁ ମିଳେ ?
- ସ୍ଥାପତ୍ୟ କଳାରେ ଶେଲଗୁକ୍ ଶୈଳୀ କେଉଁ ସମୟରେ ଦେଖିବାକୁ ମିଳିଥିଲା ?

## ଗତଥରର

ଉ ଉ ଉ

- ଗୁରୁ ହରଗୋବିନ୍ଦ ସାହେବ
- ଶିବ ଦୟାଲ ସାହେବ
- ସଂସ୍କୃତ
- ଜାହାଙ୍ଗୀର
- ବର୍ଷାଜଳ ସଂରକ୍ଷଣ ପାଇଁ



## କହିଲ ଦେଖି



ବାପାଙ୍କର ଯିଏ ଶଶୁର ହୋଇବ
ତୁମ ମାଆଙ୍କର ସେ ପୁଣି ବାପା !
କୁହ ପିଲେ ସିଏ ତୁମର କଅଣ
ଯିଏ ହେବ ତୁମ ମାଉସୀଙ୍କ ବାପା ?

(ଉ – ଅଜା)

ମାମୁଙ୍କର ଅଛି ଗୋଟିଏ ଭଉଣୀ
ତୁମ ଆଈଙ୍କର ସେ ପୁଣି ଝିଅ !
କୁହ ପିଲେ ସିଏ ତୁମର କଅଣ
ଯିଏ ହେବ ତୁମ ଅଜାଙ୍କ ଝିଅ ?

(ଉ – ମାଆ)



ତୁମ ମାଉସୀର ଭାଇ ହେବ ଯିଏ
ତୁମ ମାଆଙ୍କର ସେ ପୁଣି ଭାଇ !
କୁହ ପିଲେ ସିଏ ତୁମର କଅଣ
ଯିଏ ହେବ ତୁମ ମାମୁଙ୍କ ଭାଇ ?

(ଉ – ମାମୁ)

ତୁମ ବାପାଙ୍କର ଯେ ହେବ ଭଉଣୀ
ତୁମ ଜେଜେଙ୍କର ସେ ହେବ ଝିଅ !
କୁହ ପିଲେ ସିଏ ତୁମର କଅଣ
ଜେଜେ ମାଆଙ୍କର ସେ ପୁଣି ଝିଅ ?

(ଉ – ପିଉସୀ)



ତୁମ ଅଜାଙ୍କର ଯେ ହେବ ନାତୁଣୀ
ତୁମ ମାଆଙ୍କର କି ହେବ କୁହ ?
ତୁମର କ'ଣ କହି ପାରିବ କି
ମାମୁଙ୍କ ଭାଣିଜୀ ଅଟେ ସେ ଝିଅ !

(ଉ– ମା'ଙ୍କର ଝିଅ/ତୁମର ଭଉଣୀ)

– ଅମରନାଥ ବାରିକ୍
କୟାଁ, ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫

# ସର୍ବାଧିକ ପୋଲ ଥିବା ଦେଶ

ଆଜିକାଲି ବିଜ୍ଞାନ ଏବଂ କାରିଗରି ବିଦ୍ୟାର ଅନେକ ଉନ୍ନତି ହୋଇଛି। ତାହାକୁ ଆଧାର କରି ଗମନାଗମନ ଆହୁରି ସୁବିଧାଜନକ ହୋଇପାରିଛି। ବିଶ୍ୱରେ ଏମିତି କେତେକ ଦେଶ ରହିଛି ଯେଉଁଠାରେ ନଦୀ ସଂଖ୍ୟା ଅଧିକ। ତେଣୁ ଗମନାଗମନ ପାଇଁ ଏହା ଉପରେ ପୋଲ ତିଆରି କରାଯାଇଥାଏ। କିନ୍ତୁ ଏମିତି ଏକ ସହର ଅଛି ଯେଉଁଠି ନଦୀ ଉପରେ ନିର୍ମିତ ପୋଲ ସଂଖ୍ୟା କେତେ ଜାଣିଛ ? ଏହା ଶହେ କି ଦୁଇ ଶହ ନୁହେଁ, ଉକ୍ତ ସହରରେ ପ୍ରବାହିତ ନଦୀଗୁଡିକ ଉପରେ ସହସ୍ରାଧିକ ପୋଲ ଦେଖିବାକୁ ମିଳିଥାଏ। ପିଲାଏ, ଏତେ କଥା ଜାଣିବା ପରେ ସେହି ଦେଶ ଆଉ ସହରର ନାମ ଜାଣିବାକୁ ତୁମମାନଙ୍କ ମନରେ ଉତ୍ସୁକତା ନିଶ୍ଚୟ ବଢ଼ିଯିବଣି। ହଁ, ଜର୍ମାନୀର ହାମ୍‌ବର୍ଗ ସହରରେ ସବୁଠାରୁ ଅଧିକ ପୋଲ ଦେଖିବାକୁ ମିଳେ। ବର୍ତ୍ତମାନ ଏହି ପୋଲ ସଂଖ୍ୟା ପାଖାପାଖି ୨୫୦୦। ଏପରିକି ଏତେ ସଂଖ୍ୟକ ପୋଲ ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ସହର ଲଣ୍ଡନରେ ମଧ୍ୟ ଦେଖିବାକୁ ମିଳି ନ ଥାଏ। ବିଶେଷଭାବରେ ହାମବର୍ଗ ବନ୍ଦରରେ ପଣ୍ୟ କାରବାର ଅଧିକ ହୋଇଥାଏ। ତେଣୁ ମାଲବାହୀ ଗାଡିଗୁଡିକୁ ସୁରୁଖୁରୁରେ ଚଳାଚଳ କରିବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି।





# ଅତୀତରେ ଖବର ପ୍ରେରଣ ବ୍ୟବସ୍ଥା



ରଜତ ୮ମ ଶ୍ରେଣୀରେ ପଢ଼େ। ସେ ଦିନେ ମାମୁଘର ଅନୁଗୋଳକୁ ଯାଇଥାଏ। ସେଠାରେ ତା' ମାମୁ ପୋଲିସ ଟ୍ରେନିଂ ସେଣ୍ଟରରେ କାମ କରୁଥାଆନ୍ତି। ଦିନେ ମାମୁଙ୍କ ଅଫିସ୍‌କୁ ଯାଇ ଦେଖିଲା ଘୋଟିଏ ଛୋଟିଆ ଖୋଲା କାଠ ଆଲମିରା ବାରଣ୍ଡାରେ କାନ୍ଥରେ ସଂଲଗ୍ନ କରାଯାଇଛି। ଯେଉଁଥିରେ ୪/୫ଟି ଛୋଟ କୋଠରି ରହିଛି। ତାକୁ ଦେଖାଇ ରଜତ ପଚାରିଲା ମାମୁ- ଏହି ଜିନିଷଟି କ'ଣ ? ମାମୁ କହିଲେ,ଏଥିରେ ପୂର୍ବରୁ ପାରାକୁ ରଖାଯାଉଥିଲା । ପାରା ଦ୍ୱାରା ଚିଠି ପତ୍ର ନେବା ଆଣିବା କରାଯାଉଥିଲା। ବର୍ତ୍ତମାନ ଆଉ ସେହି ବ୍ୟବସ୍ଥା ନାହିଁ ଆଜିକାଲି ଇଣ୍ଟରନେଟ୍ ଇ-ମେଲ୍ ଦ୍ୱାରା ଖବର ନେବା ଆଣିବା ହେଉଛି। ତା'ପୂର୍ବରୁ ଟେଲିଗ୍ରାଫ୍ ,ଟେଲିଫୋନ୍ ବ୍ୟବସ୍ଥା ଥିଲା। ଯେଉଁ ସ୍ଥାନରେ ଟେଲିଫୋନ୍‌ର ସୁବିଧା ନ ଥିଲା, ସେତେବେଳେ ଅର୍ଥାତ୍ ୧୯୪୬ମସିହାରେ ଆମ ରାଜ୍ୟର କୋରାପୁଟଠାରେ ପାରାମାନଙ୍କୁ ତାଲିମ୍ ଦିଆଯାଇ ଏକ ଖବର ପ୍ରେରଣ ୟୁନିଟ୍ ଖୋଲାଯାଇଥିଲା। ସୈନ୍ୟବାହିନୀଠାରୁ ପ୍ରଶିକ୍ଷିତ ପାରାମାନଙ୍କୁ କିଣି ରାଜ୍ୟ ପୋଲିସ୍ ଷ୍ଟେଶନକୁ ଗୁପ୍ତ ଖବର ପଠାଇବା କାର୍ଯ୍ୟରେ ଏହି ପାରାମାନେ ନିୟୋଜିତ ହେଉଥିଲେ। ୧୯୮୨ ରେ ବନ୍ୟା ଓ ୧୯୯୯ରେ ମହାବାତ୍ୟା ସମୟରେ ପାରାମାନଙ୍କୁ ଖବର ପ୍ରେରଣ କାର୍ଯ୍ୟରେ ବ୍ୟବହାର କରାଯାଉଥିଲା।

'ହୋମର'ଜାତୀୟ ପାରାମାନେ ଏକାଥରକେ କେଉଁଠାରେ ନ ଅଟକି ୭୦୦ରୁ ୮୦୦କି.ମି. ପର୍ଯ୍ୟନ୍ତ ଉଡି ଯାଇପାରନ୍ତି। ଘଣ୍ଟାକୁ ସେମାନେ ୮୦-୯୦କି.ମି. ବେଗରେ ଉଡିପାରନ୍ତି। ୧୫ରୁ ୨୦ବର୍ଷ ବଞ୍ଚି ରହୁଥିବା ପାରାମାନଙ୍କୁ୬ମାସରୁ ଟ୍ରେନିଂ ଦିଆଯାଇ କାର୍ଯ୍ୟରେ ଲଗା ଯାଇଥାଏ। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନୌସେନାକୁ ଖବର ପଠାଇବା ପାଇଁ ପାରାମାନଙ୍କୁ ବ୍ୟବହାର କରାଯାଇଥିଲା। ଯୁଦ୍ଧ ସମୟରେ ନୌସେନାକୁ ଖବର ପଠାଇବା ପାଇଁ ପାରାମାନଙ୍କୁ ବ୍ୟବହାର କରାଯାଇଥିଲା। ଯୁଦ୍ଧ ସମୟରେ ବ୍ୟବହାର କରାଯାଉଥିବା ପାରାକୁ ସୈନିକ ପାରା କୁହାଯାଉଥିଲା। ଆମ ଦେଶରେ ମୋଗଲ ଶାସନ ସମୟରେ ସମ୍ରାଟ ଆକବର ପ୍ରାୟ ୨୦,୦୦୦ ପାରା ରଖିଥିଲେ। ସେମାନଙ୍କ ଜରିଆରେ ତାଙ୍କ ସାମ୍ରାଜ୍ୟର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଚିଠି ପତ୍ର ନେବା ଆଣିବା କରାଯାଉଥିଲା।

ରଜତ ପଚାରିଲା,ମାମୁ, ପାରା ବ୍ୟବହାର ପୂର୍ବରୁ ଆଉ କ'ଣ ବ୍ୟବସ୍ଥାରେ ଖବର ପଠାଯାଉଥିଲା କି ? ମାମୁ କହିଲେ ଭଲ ପ୍ରଶ୍ନଟିଏ ପଚାରିଲୁ, ତେବେ ଶୁଣ । ପ୍ରାଚୀନ କାଳରେ ରାଜା ମହାରାଜାମାନେ ନିଜ ନିଜର ପ୍ରଜାମାନଙ୍କୁ ସୁଶାସନ ଦେବା ନିମନ୍ତେ ଘୋଡ଼ା, ଗଧ, ଓଟ ଏବଂ କୁକୁର ସାହାଯ୍ୟରେ ଚିଠିପତ୍ର ବା ସନ୍ଦେଶ ବାର୍ତ୍ତା ପ୍ରେରଣ କରୁଥିଲେ। ୧୮୬୧ରେ ଉତ୍ତର ଆମେରିକାରେ ପ୍ରଥମ କରି ଘୋଡ଼ା ଗାଡ଼ିରେ ଖବର ପଠାଇବା ବ୍ୟବସ୍ଥା କରାଯାଇଥିଲା। ପାହାଡ଼, ପର୍ବତ, ନଦୀ, ନାଳ,ସମତଳ ଓ ମରୁଭୂମି ଅଞ୍ଚଳ ଅତିକ୍ରମ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଘୋଡ଼ା ଓ ଘୋଡ଼ା ଚାଳକକୁ ବଦଳା ଯାଉଥିଲା। ମାମୁଁ କହିଲେ, ରଜତ, ତୁ ରାମାୟଣ,ମହାଭାରତ ପୁରାଣ ସମ୍ପର୍କରେ କିଛି ଜାଣିଛୁ କି ? ରଜତ କହିଲା- ହଁ, ମୁଁ ମା'ଙ୍କ ଠାରୁ ଶୁଣିଛି । ମାମୁଁ କହିଲେ, ସେହି ପୌରାଣିକ ଯୁଗରେ ମଧ୍ୟ ଅଶ୍ୱ ସହିତ ଅଶ୍ୱାରୋହୀ ଦୂତ ସନ୍ଦେଶ ନେଇ ଗୋଟିଏ ରାଜ ଦରବାରରୁ ଅନ୍ୟ ରାଜ ଦରବାରକୁ ଯାଉଥିଲେ। ପାଣ୍ଡବମାନେ ୧୨ବର୍ଷ ବନବାସ ଓ ୧ ବର୍ଷ ଅଜ୍ଞାତ ବାସ ପରେ ସମ୍ବାଦ ନେଇ ଅଶ୍ୱାରୋହୀ ଦୂତ ବିରାଟ ରାଜାଙ୍କ ଦରବାରରୁ ଧୃତରାଷ୍ଟ୍ରଙ୍କ ହସ୍ତିନାପୁର ରାଜ ଦରବାରକୁ ଆସିଥିଲେ। ପୁରାଣରୁ ଜଣାଯାଏ ଯେ ରାଜା, ନଳ, ଏକ ରାଜହଂସ ଜରିଆରେ ରାଜକୁମାରୀ ଦମୟନ୍ତୀଙ୍କ ନିକଟକୁ ଚିଠାଉ (ଖବର ) ପଠାଉଥିଲେ।

ଯେଉଁମାଧ୍ୟମରେ ବାର୍ତ୍ତା ପ୍ରେରଣ କରାଯାଉଥିଲା, ସେହି ମାଧ୍ୟମକୁ ଦୂତ,ଛାଡ,ଡଗର,ବାର୍ତ୍ତାବହ,ସମ୍ବାଦ ବାହାକ ବୋଲି କୁହାଯାଉଥିଲା। ରାମାୟଣରୁ ଶୁଣିଥିବୁ,ପ୍ରଭୁ ଶ୍ରୀ ରାମଚନ୍ଦ୍ର ହନୁମାନଙ୍କୁ ଲଙ୍କାପୁରକୁ ସୀତାଙ୍କୁ ଠାବ କରିବା ପାଇଁ ପରବର୍ତ୍ତୀ ସମୟରେ ରାବଣଙ୍କୁ ସୀତାଙ୍କୁ ଫେରାଇ ଦେବା କହିବା ପାଇଁ ଦୂତ କରି ପଠାଇଥିଲେ। ତା'ପରେ ଆମ ଦେଶରେ ବ୍ରିଟିଶ ଶାସନ ଅମଳରେ ୧୭୬୬ସାଲରେ ପ୍ରଥମ କରି ଇଷ୍ଟ ଇଣ୍ଡିଆ କମ୍ପାନୀ ଡାକ ବ୍ୟବସ୍ଥା ପ୍ରଚଳନ କରିଥିଲା। ପରେ ୧୮୫୪ସାଲରେ ଲର୍ଡ ଡେଲହାଉସୀଙ୍କ ଅମଳରେ ଡାକ ବ୍ୟବସ୍ଥା ପ୍ରଚଳନ କରାଗଲା। ତା'ପରେ ୧୯୦୭ସାଲରେ କୋଲକାତା,ମୁମ୍ବାଇ,ଚେନ୍ନାଇରେ ଟେଲିଫୋନ୍ ବ୍ୟବସ୍ଥା ପ୍ରଚଳନ ହେଲା। ଯାହା ଫଳରେ ଲୋକେ ଅତି ସୁବିଧାରେ ପରସ୍ପର ସହିତ କଥାବାର୍ତ୍ତା ହୋଇପାରୁଥିଲେ କିନ୍ତୁ ଏବର ଇଲେକ୍ଟ୍ରୋନିକ୍ସ ଯୁଗରେ ଯୋଗାଯୋଗର ସଂଜ୍ଞା ସଂପୂର୍ଣ୍ଣ ବଦଳି ଯାଇଛି। ସାଟେଲାଇଟ(କୃତ୍ରିମ ଉପଗ୍ରହ) ଜରିଆରେ ଆମ ପୃଥିବୀର ଯେ କୌଣସି ସ୍ଥାନରେ ରହିଥିବା ବ୍ୟକ୍ତିଙ୍କ ସହିତ ଯୋଗାଯୋଗ ମୁହୂର୍ତ୍ତକ ମଧ୍ୟରେ କରିପାରୁଛେ। ମୋବାଇଲ ଆମ ଦୈନନ୍ଦିନ ଜୀବନର ଏକ ଅତ୍ୟାବଶ୍ୟକ ସାମଗ୍ରୀରେ ପରିଣତ ହୋଇପାରିଛି। ଭିଡିଓ କଲ୍ ମାଧ୍ୟମରେ ପରସ୍ପରର ଚେହେରା ମଧ୍ୟ ଦେଖିପାରୁଛେ। ମାମୁ ଘଣ୍ଟା ଦେଖି କହିଲେ, ରଜତ, ମୋର ଡ୍ୟୁଟି ଅଛି,ବାହାରକୁ ଯିବି। ଚାଲ,ତତେ ଘରେ ଛାଡ଼ିଦେବି।

-ବିନୋଦ ଚନ୍ଦ୍ର ଜେନା
ପାରଳାଖେମୁଣ୍ଡି,ଗଜପତି
ମୋ: ୭୭୩୫୨୨୭୬୧୩




# ମହଙ୍ଗା ରେଳ ଯାତ୍ରା

ପିଲାଏ, ରେଳଗାଡ଼ି ବା ଟ୍ରେନ୍‌ରେ ଯାତ୍ରାର ଅନୁଭୂତି ନିଶ୍ଚୟ ଭିନ୍ନ ଧରଣର। ତେବେ ଗୋଟିଏ ସ୍ଥାନରୁ ନିଜର ଗନ୍ତବ୍ୟ ସ୍ଥଳକୁ ଯିବାକୁ ହେଲେ ଭଡ଼ା ଦେବାକୁ ପଡିଥାଏ। ଦୂରତ୍ୱକୁ ନଜର ରଖି ଟିକେଟ୍‌ର ଦାମ୍ ନିର୍ଦ୍ଧାରଣ କରାଯାଇଥାଏ। ତେବେ ଏଭଳି ଏକ ଟ୍ରେନ୍ ଅଛି, ଯେଉଁଥିରେ ଯାତ୍ରା କରିବା ସାତ ସପନ ପରି। କାରଣ ଏହାର ଭଡ଼ା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବ। ଏପରି ଏକ ବିଳାସପୂର୍ଣ୍ଣ ଟ୍ରେନରେ ଯଦି ଜଣେ ଯାତ୍ରା କରନ୍ତି, ତେବେ ସେ ତାଜମହଲ, ଖଜୁରାହୋ ମନ୍ଦିର, ଫତେପୁର ସିକ୍ରି ଏବଂ ବାରାଣସୀ ପରି ପ୍ରସିଦ୍ଧ ସ୍ଥାନଗୁଡ଼ିକୁ ଏକାଥରେ ଦେଖିପାରିବେ। ତେବେ ଏହି ଯାତ୍ରା ସାତ ଦିନ ଧରି କରିବାକୁ ପଡିଥାଏ। ସେଥିପାଇଁ ଉକ୍ତ ଟ୍ରେନ୍ ଭଡା କେତେ ଜାଣିଛ ? ପାଖାପାଖି କୋଡିଏ ଲକ୍ଷ। ତେବେ ଏହା ଏତେ ମହଙ୍ଗା କାହିଁକି ? ଏହି ଯାତ୍ରା ସମୟରେ ଯାତ୍ରୀମାନଙ୍କୁ ଫାଇଭ ଷ୍ଟାର ହୋଟେଲ ପରି ସେବା ଯୋଗାଇ ଦିଆଯାଇଥାଏ। ଏହି ଟ୍ରେନର ଖାଦ୍ୟପେୟ ମଧ୍ୟ ମହଙ୍ଗା। ଏହି ଟ୍ରେନ୍‌ଟିର ନାମ ହେଲା 'ମହାରାଜା ଏକ୍ସପ୍ରେସ। ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେଶନ (ଆଇଆରସିଟିସି) ଏହାର ପରିଚାଳନା ଦାୟିତ୍ୱ ନେଇଛି। ଉକ୍ତ ଟ୍ରେନ୍‌ଟି ସମ୍ପୂର୍ଣ୍ଣ ଭାବରେ ଶୀତତାପ ନିୟନ୍ତ୍ରିତ। କେବଳ ସେତିକି ନୁହେଁ ବାହାରର ମନୋରମ ଦୃଶ୍ୟକୁ ଟ୍ରେନ୍ ଭିତରେ ରହି ଦେଖିବା ଲାଗି ଏଥିରେ ବଡ ବଡ ଝରକା ରହିଛି।



# ଆ ଇ ନା



**ସୁଶ୍ରୀତା ତରାଇ**
୪ ବର୍ଷ/କେନ୍ଦ୍ରାପଡ଼ା




**ଆହାନା ବେହେରା**
୬ ବର୍ଷ/ମାଲକାନଗିରି